## ଆଜି କ'ଣ କେଉଁଠି

**ଦାରିଙ୍ଗବାଡ଼ି**

- ପଲ୍ଲି ସଭା। ସ୍ଥାନ–ବାଡାବାଙ୍ଗା ପଞ୍ଚାତର ବୁଡୁକେଜୁ ଗ୍ରାମ ସମେତ ଗଦଡ଼ି, ସିତାପାଙ୍ଗା ଏବଂ ଅଡାଗାଡୁ, ସମୟ–ପୂର୍ବାହ୍ନ ସାଢ଼େ ୧୦ଟା

**ଜି.ଉଦୟଗିରି**

- ମହାବୀର ଶ୍ରମିକ ସଂଘର ସାଧାରଣ ବୈଠକ। ସ୍ଥାନ ସଂଘ କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ୧୦ଟା।

## ବଳାତ୍କାର ଅଭିଯୋଗ, ଯୁବକ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ, ୧୬।୧୦:** ନାବାଳିକା ବଳାତ୍କାର ଅଭିଯୋଗରେ ସଦର ଥାନା ପୋଲିସ ଲାଠି ଗ୍ରାମରୁ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନାରାୟଣ ଗୌଡ଼ (୨୮)। ତାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏମକେସିଜି ମେଡିକାଲରେ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଥିଲା। ଶନିବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ନାରାୟଣ ଜଣେ ନାବାଳିକା ଛାତ୍ରୀଙ୍କୁ ଗତ ୧୦ ତାରିଖରେ ଅପହରଣ କରିନେଇଥିଲେ। ଏନେଇ ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ଅପହରଣକାରୀଙ୍କ ମୋବାଇଲ ନମ୍ବର ଟ୍ରାକିଂ କରିଥିଲା। ସେମାନେ ଲାଠୀ ଗ୍ରାମରେ ରହୁଥିବା ଜଣାପଡିଥିଲା। ପୋଲିସ ଶନିବାର ସେଠାରେ ପହଞ୍ଚି ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ମାମଲା ନଂ.୪୮୨/୨୨ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ଟ୍ରିପଲ ରାଇଡିଂ, ୩ ହଜାର ଜରିମାନା

ବ୍ରହ୍ମପୁର ଅଫିସ,୧୬।୧୦- ଟ୍ରିପଲ ରାଇଡିଂ (ଗୋଟିଏ ଗାଡ଼ିରେ ୩ ଜଣ) ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଥିରେ ଆରୋହୀମାନଙ୍କ ଜୀବନ ଚାଲିଯାଇଥିବା ନଜିର ରହିଛି। ତେଣୁ ପୋଲିସ ଲୋକଙ୍କୁ ଏଦିଗରେ ସଚେତନ କରୁଛି। ହେଲେ ଅମାନିଆ ଯୁବ ଚାଳକମାନେ ପୋଲିସର ଏହି ସଚେତନ ବାର୍ତ୍ତାକୁ ଖାତିର ନ କରି ଗୋଟିଏ ବାଇକରେ ୩ ଜଣ ବସି ଚଳପ୍ରଚଳ ହେଉଛନ୍ତି। ଅମାନିଆ ଚାଳକଙ୍କୁ ସାବଡ଼ କରିବା ପାଇଁ ପୋଲିସ ସେମାନଙ୍କ ଠାରୁ ଜରିମାନା ଆଦାୟ କରୁଛି। ଗତ ସେପ୍ଟେମ୍ବର ମାସରେ ଟ୍ରାଫିକ ପୋଲିସ ୩ଜଣ ଟ୍ରିପଲ ରାଇଡିଂ କରୁଥିବା ଚାଳକଙ୍କୁ ଧରିଛି। ସେମାନଙ୍କ ଠାରୁ ୩ ହଜାର ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଯେପରି ସେମାନେ ଆଉ ଏ ପରି ନ କରିବେ ସେ ନେଇ ତାଗିଦ କରାଯାଉଛି। ଅମାନିଆଙ୍କ ଠାରୁ ଜରିମାନା ଆଦାୟ ସହ ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ ସେଗୁଡିକ ରଦ୍ଦ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ନିକଟକୁ ପଠାଇ ଦିଆଯାଉଛି ବୋଲି ଟ୍ରାଫିକ ଥାନାଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## ୨୪ରୁ ଖୋଡ଼ାସିଙ୍ଗ ଶ୍ୟାମାକାଳୀ ପୂଜା

**ବ୍ରହ୍ମପୁର ଅଫିସ,୧୬।୧୦:** ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ମଙ୍ଗଳବାର ଖୋଡ଼ାସିଙ୍ଗ ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଖୋଡ଼ାସିଙ୍ଗ ଠାରେ ଦ୍ୱିତୀୟ ଥର ପାଇଁ କାଳୀପୂଜା ହେବ ବୋଲି କମିଟି ସଭାପତି ବନମାଳୀ ସେଠୀ କହିଥିଲେ। ଆସନ୍ତା ୨୪ ତାରିଖରୁ ଏହି ପୂଜା ଆରମ୍ଭ ହୋଇ ସେପ୍ଟେମ୍ବର ୧୦ରେ ଉଦଯାପିତ ହେବ। ଏଥି ନିମନ୍ତେ ପୂଜା କମିଟି ପକ୍ଷରୁ ଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ଓ ଅଗ୍ନିଶମ ସେବା ବାହାନିକୁ ଅନୁରୋଧ କରାଯାଇଛି। ସେହିପରି ଚଳିତ ବର୍ଷ କାଳୀପୂଜା ନିମନ୍ତେ ୩୦ଲକ୍ଷଟଙ୍କାର ବଜେଟ ଧାର୍ଯ୍ୟ କରାଯାଇଛି। ପୂଜା କମିଟି ପକ୍ଷରୁ ପୂଜା କାର୍ଯ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ନିମନ୍ତେ ୫୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଖବରଦାତା ସମ୍ମିଳନୀରେ ଉପସଭାପତି ମଳୟବିଷୋୟୀ, ସମ୍ପାଦକ ଭିକି ସେଠୀ, କମିଟି ସଦସ୍ୟ ଚିତରଞ୍ଜନ ସେଠୀ, ପିଣ୍ଟୁ ସେଠୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ୧୦୫ ୟୁନିଟ ରକ୍ତ ସଂଗ୍ରହ

**ଫୁଲବାଣୀ ଅଫିସ, ୧୬।୧୦:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ସରୋଜ କର୍ଣ୍ଣ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ନଗର ସଭାପତି ସୁଧୀର କହଁର, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀ, ଖଜୁରୀପଡା ବ୍ଲକ ଅଧ୍ୟକ୍ଷା ଅନୀମା କହଁର, କାଉନସିଲର ରାଜେନ୍ଦ୍ର ପାଢୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଶିବରରେ ମୋଟ ୧୦୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ମେଡିକାଲ ଅଧୀକ୍ଷକଙ୍କ ତଦନ୍ତ ନିର୍ଦ୍ଦେଶ

### ଗୋଟିଏ ସିଲିଣ୍ଡରରୁ ୩ ଶିଶୁଙ୍କୁ ଅକ୍ସିଜେନ୍ ଘଟଣା

ବ୍ରହ୍ମପୁର ଅଫିସ,୧୬।୧୦

ଗଞ୍ଜାମ ଜିଲା ବ୍ରହ୍ମପୁରରେ ଥିବା ଏମକେସିଜି ମେଡିକାଲରେ ଶନିବାର ଗୋଟିଏ ସିଲିଣ୍ଡରରୁ ୩ ଜଣ ନବଜାତ ଶିଶୁଙ୍କୁ ଅକ୍ସିଜେନ୍ ଯୋଗାଣ ଭଳି ବିଚିତ୍ର ଚିକିତ୍ସା ପଦ୍ଧତିର ଦୃଶ୍ୟ ଶନିବାର ଦେଖିବାକୁ ମିଳିଥିଲା। ୩ ଶିଶୁ ରୋଗୀଙ୍କ ନାକରେ ପାଇପ ଦ୍ୱାରା ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ୍ ଦିଆଯିବା ଭଳି ଚିକିତ୍ସା ସେବାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ହସ୍ପିଟାଲର ଏହି ଦୃଶ୍ୟ ରୋଗୀ ଚିକିତ୍ସା ପଦ୍ଧତି ଏବଂ ଚିକିତ୍ସକଙ୍କ ସମବେଦନଶୀଳତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ କରିବା ପାଇଁ ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବା ଯୋଗାଯୋଗ ବେଳେ ସେ ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁ ନବଜାତ ଶିଶୁମାନଙ୍କୁ ଅକ୍ସିଜେନ୍ ଦିଆଯାଇଛି, ସେମାନେ ଏସ୍‌ଏନସିୟୁରେ ଭର୍ତ୍ତି ହୋଇଥିବା ସମୟରେ ତାଙ୍କୁ ଅକ୍ସିଜେନ୍ ଦିଆଯାଇଥିଲା। ଏଣୁ ସେମାନଙ୍କୁ ଅକ୍ସିଜେନ୍ ଆବଶ୍ୟକ ନ ଥିଲା। ତେବେ ଇକୋକାର୍ଡିଓଗ୍ରାମ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଦାନ ପାଇଁ ନେବା ବେଳେ କିଏ ଓ କାହିଁକି ଅକ୍ସିଜେନ୍ ବ୍ୟବସ୍ଥା କଲେ ସେ ଦିଗରେ ତଦନ୍ତ କରିବାକୁ ଅଧୀକ୍ଷକ, ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହଛନ୍ତି। ଶନିବାର ଡାକ୍ତରଙ୍କ ପରାମର୍ଶ କ୍ରମେ ୪ଜଣ ଶିଶୁଙ୍କ ଇକୋ ପରୀକ୍ଷା ପାଇଁ ଏସ୍‌ଏନସିୟୁରୁ ସୁପରସ୍ପେସାଲିଟି ବ୍ଲକ୍ ହୃଦରୋଗ ବିଭାଗକୁ ନିଆଯାଉଥିଲା। ଗୋଟିଏ ସିଲିଣ୍ଡରରୁ ୩ଟି ପାଇପ୍ ଯୋଗେ ୩ଜଣ ଶିଶୁଙ୍କୁ ଅକ୍ସିଜେନ୍ ଯୋଗାଣ କରାଯାଉଥିଲା। ଆଗରେ ଜଣେ ମହିଳା ଆଟେଣ୍ଡାଣ୍ଟ ସିଲିଣ୍ଡର୍ ଟାଣି ଟାଣି ନେଉଥିବା ବେଳେ ପଛରେ ନିଜ ନିଜ ନବଜାତକଙ୍କୁ କୋଳରେ ଧରି ୩ ମା' ଚାଲିଥିଲେ। ଉକ୍ତ ସିଲିଣ୍ଡରରୁ ଲମ୍ବିଥିବା ୩ଟି ପାଇପ୍ ଜରିଆରେ ଶିଶୁମାନଙ୍କୁ ଅକ୍ସିଜେନ୍ ଯୋଗାଣ ହେଉଥିଲା। ଏମକେସିଜି ମେଡିକାଲରେ ଏଭଳି ଚିକିତ୍ସାସେବାକୁ ସାଧାରଣରେ ନିନ୍ଦା କରାଯାଇଛି।

## ୮ମ ସାହିତ୍ୟ ଉତ୍ସବ ଅନୁଷ୍ଠିତ




ଉତ୍ସବରେ ଉପସ୍ଥିତ ଅତିଥି ଓ କବି ବୃନ୍ଦ।

ବ୍ରହ୍ମପୁର ଅଫିସ,୧୬।୧୦

ଗଞ୍ଜାମ କବିତା ଘର ଲିଟେରାରୀ ଟ୍ରଷ୍ଟ ଓ ଜ୍ଞାନ ଜ୍ୟୋତି ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ରବିବାର ଏମ୍‌କେସିଜି ଚକ୍ଷୁ ବିଜ୍ଞାନ ବିଭାଗ ସଭା ଗୃହରେ ୮ମ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ବିଶେଷ କବିତା ପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ସମ୍ମାନିତ ଅତିଥି ରୂପେ କୁକୁଡାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ଓ ସମାଜିକ କର୍ମୀ ଭାଗିରଥୀ ମହାରଣା ଯୋଗ ଦେଇଥିଲେ। କବିତା ପର୍ବ ଅଧିବେଶନରେ କବି ଜୟନ୍ତୀ ବେହେରା ସଂଯୋଜନା କରିଥିଲେ। କବି ଭାଗିରଥୀ ବେହେରାଙ୍କ କବିତା ସଂକଳନ ସଜଳ ଶତକ, ରାଜେନ୍ଦ୍ର କୁମାର ବେହେରାଙ୍କ ଲୁଚାଛପା, ଜ୍ୟୋତ୍ସାରାଣୀ ଦେବୀଙ୍କ ଶିଶୁ କବିତା ଝୁମୁରୁ ଝାଇଁ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାହିତ୍ୟ ଉତ୍ସବର ମୁଖ୍ୟ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ଦାଶ ବେନହୂର, ମୁଖ୍ୟ ବକ୍ତା ରୂପେ ସାହିତ୍ୟିକ ସୂର୍ଯ୍ୟ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ, ସମ୍ମାନିତ ବକ୍ତା ରୂପେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ.କୁଳମଣି ଓଝା, ନିମନ୍ତ୍ରିତ ଅତିଥି ରୂପେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଯୁଗ୍ମ କମିଶନର ମମତାରାଣୀ ନାୟକ, ଚକ୍ଷୁ ବିଭାଗର ପ୍ରଫେସର ଡା.ଉମାଶଙ୍କର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସ୍ତରୀୟ କବିତା ସମ୍ମାନରେ କବି ବିଦେଶୀ ନାୟକ, ଜିଲା ସ୍ତରୀୟ କବିତା ସମ୍ମାନରେ ଡ.ମହେଶ୍ୱର ମହାରଣା, ଗଞ୍ଜାମ ସଂପାଦକ ସମ୍ମାନରେ ଟୁଟୁ ବାବୁ ପଟ୍ଟନାୟକ, ସ୍ୱର୍ଗତ ଦେବମଣୀ ସାହୁ ପୁସ୍ତକ ସ୍ମୃତି ସମ୍ମାନରେ ସୀମାଞ୍ଚଳ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଏକ ହଜାର ଏକ ସଜଳ, ଅବାଧ ପାଦ ଦୁଇ, ଛଦ୍ମବେଶୀ, ସନ୍ତାନ, ଭଜନ ମଞ୍ଜରୀ ଓ ପିଲାଙ୍କ ପ୍ରାର୍ଥନା ପ୍ରମୁଖ ପୁସ୍ତକ ଉନ୍ମୋଚିତ ହୋଇଥିଲା। କବି ସୁଧାଂଶୁ ଶେଖର ସାହୁ, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ, ରଞ୍ଜନ କୁମାର ବ୍ରହ୍ମା, ଅଧ୍ୟାପକ ତ୍ରିଲୋଚନ ଦାଶ ଓ ସ୍ୱାଗତିକା ବାହିନୀପତିଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଗିରଥୀ ପଣ୍ଡା, ସୁଦାମ ପାଣିଗ୍ରାହୀ, ତ୍ରିଲୋଚନ ଦାଶ, ଲଳିତ କୁମାର ସ୍ୱାଇଁ, ଶେଷଦେବ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଛାପଡା ହୋମଗାର୍ଡ ସଂଘର ନୂତନ କର୍ମକର୍ତ୍ତା

ଫୁଲବାଣୀ ଅଫିସ, ୧୬।୧୦

ଗୋଛାପଡା ଥାନା ହୋମଗାର୍ଡ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି। ସଂଘ ସଭାପତି ଭାବେ ଲେବେନ୍ଦ୍ର ଦିଗାଲ, ଉପ ସଭାପତି ଦୁର୍ଯ୍ୟଶେଖର ମଲ୍ଲିକ, ସମ୍ପାଦକ ପ୍ରଶାନ୍ତ କୁମାର କହଁର, ସହ ସମ୍ପାଦକ ସୁବାସ ଚନ୍ଦ୍ର କହଁର, କୋଷାଧ୍ୟକ୍ଷ ସୋମନାଥ ବିନ୍ଧାଣୀ, ଉପ କୋଷାଧ୍ୟକ୍ଷ ଭାବରେ ଅଭିରାମ ମହାନନ୍ଦ, ସଚିଦାନନ୍ଦ ସାଣ୍ଡ, କାର୍ଯ୍ୟକାରୀ ସଭାପତି ନାମେଶର ମିଶ୍ର ଏବଂ ପରାମର୍ଶଦାତା ଭାବେ ହୁରଞ୍ଜନ ସେଠୀଙ୍କୁ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଗୋଛାପଡା ଥାନା ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟକ୍ରମ ତଥା ଚାରାରୋପଣ, ରକ୍ତଦାନ, ଅସହାୟକ ମାନଙ୍କୁ ସହାୟତା, ସ୍ୱଚ୍ଛଭାରତ ଅଭିଯାନ ଆଦି କାର୍ଯ୍ୟକ୍ରମ କରିବା ପାଇଁ ସଂଘ ପକ୍ଷରୁ ସ୍ଥିର କରାଯାଇଛି । ଜିଲା ହୋମଗାର୍ଡ ମହାସଂଘ ସଭାପତି ପଭାତ କୁମାର ସାହାଣୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଭଗବାନ



@ ଚନ୍ଦନ



@ ମନୋଜ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଜେଡି ପାଳିଲା ନବୀନଙ୍କ ଜନ୍ମଦିନ

ବ୍ରହ୍ମପୁର ଅଫିସ,୧୬।୧୦



ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଉଦଘାଟନ କରାଯାଉଛି।

### ରକ୍ତଦାନ ଶିବିରରୁ ସଂଗୃହିତ ୨୧୧ ୟୁନିଟ୍

ବ୍ରହ୍ମପୁର ମହାନଗରରେ ବିଜେଡି ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ୭୭ ଦୀପ ଲଗାଯାଇଥିଲା। ଖଲାସୀ ସାହିସ୍ଥ କମ୍ୟୁନିଟି ହଲରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା। ଏହାକୁ ଏମପି ଚନ୍ଦ୍ରଶେଖର ସାହୁ ଓ ପୂର୍ବତନ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉଦଘାଟନ କରିଥିଲେ। ମେୟର ସଂଘମିତ୍ରା ଦଳେଇ ଡେପୁଟି ମେୟର ଇ. ବିବେକ ରେଡ଼ି ଏବଂ ଦଳର କର୍ପୋରେଟରମାନେ ଉପସ୍ଥିତ ଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଗଞ୍ଜାମ ଜିଲା ସଂଯୋଜକ ସୁବାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ଅପରାହ୍ନ ସୁଦ୍ଧା ୨୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ବିଜେଡି ସଂଗଠନର ବ୍ରହ୍ମପୁର ସ୍ୱତନ୍ତ୍ର ଜିଲା ସଭାପତି ଅଜିତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖଲାସୀ ସାହି ଆଶ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ କେକ୍ କଟାଯାଇଥିଲା। ସନ୍ଧ୍ୟାରେ ପୁରାତନ ଉତ୍କଳ ବାଳାଶ୍ରମରେ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ଼. ଗୋପବନ୍ଧୁ ଦାସ, ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ, ଜିଲା ବିଜେଡି ଉପସଭାପତି ସଂଜିତ ପାଣିଗ୍ରାହି, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ମହିଳା ବିଜେଡି ନେତ୍ରୀ ମମତା ବିଷୋୟୀ, ସୋନାଲି ଗନ୍ତାୟତ, ଲକ୍ଷ୍ମୀପ୍ରିୟା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଦଳର ଅନ୍ୟତମ ଉପସଭାପତି ଭଗବାନ ଗନ୍ତାୟତ ଛାତ୍ର ବିଜେଡିର କର୍ମକର୍ତ୍ତାଙ୍କ ସମେତ କର୍ପୋରେଟର ସୁରେନ୍ଦ୍ର ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲା ବରିଷ୍ଠ ନାଗରିକ ମଞ୍ଚ ବୈଠକ

ବ୍ରହ୍ମପୁର ଅଫିସ,୧୬।୧୦




ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଉତ୍କଳ ଆଶ୍ରମ ପାଠାଗାର ପରିସରରେ ମାସିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାଧାଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ପୁରୀକୁ ଲକ୍ଷାଧିକ ହବିଷ୍ୟାଳୀ ଯାଉଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ରହିବା ନିମନ୍ତେ ଆଶ୍ରୟ ନ ପାଇବା ଓ ଅନ୍ୟାନ ଅସୁବିଧାର ସମ୍ମୁଖୀନ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। ଯଥାଶୀଘ୍ର ଏହାର ସମାଧାନ ପାଇଁ ପୁରୀ ଜିଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଥିଲା। ଏଥିସହ ଜିଲାର ଅଧିବାସୀ ଓ ସ୍ଥାନୀୟ ପ୍ରଶାସନ ଏବଂ ପରିବାର ବର୍ଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ସମସ୍ୟା ଉପୁଜିବ ନାହିଁ ବୋଲି ଆଲୋଚନା ହୋଇଥିଲା। ସଂଘର ଉପସଭାପତି ଡା.ପ୍ରାଣଚାନ୍ଦ ପଣ୍ଡା, ସାଧାରଣ ସଂପାଦକ ଦୀନବନ୍ଧୁ ଶ୍ରୀପଲବ, କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ଗୌରୀ ଶଙ୍କର ପଟ୍ଟନାୟକ, ହାଡିବନ୍ଧୁ ମାଳି, ବିଜୟ କୁମାର ସାହୁ, ଚିତ୍ତରଞ୍ଜନ ପଣ୍ଡା, ସ୍ୱର୍ଣ୍ଣପ୍ରଭା ମିଶ୍ର, ଡ.ସୂଚନା ପାଢୀ, ଗୋପାଳ କୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋରୁ ଗଞ୍ଜେଇ ଜବତ

ଫୁଲବାଣୀ ଅଫିସ, ୧୬।୧୦

ଫୁଲବାଣୀ ଅବକାରୀ ମୋବାଇଲ ଟିମ୍ ତୁଡିପାଜୁସ୍ଥିତ ଡଙ୍ଗା ଘାଟିରେ ଚଢ଼ାଉ କରି ଏକ ଅଟୋରୁ ୫୮ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଅଟୋ ଚାଳକ ଜଣକ ଫେରାର ହୋଇଯାଇଛନ୍ତି। ଅଟୋରେ ଗଞ୍ଜେଇ ଯାଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା । ଇନ୍ସପେକ୍ଟର ନାରାୟଣ ଜେନା, ସୁଜିତ କୁମାର ମୁଦୁଲି, ସଦାଶିବ ରଣା ପ୍ରମୁଖ ଏକ ଟିମ୍ କରି ଘାଟି ପାଖରେ ଜଗି ରହି ଅଟୋକୁ ଅଟକାଇଲେ। ଡ୍ରାଇଭର ଏହା ଜାଣିପାରି ଜଙ୍ଗଲ ମଧ୍ୟକୁ ପଳାଇଥିଲେ । ଏ ନେଇ ୭୧/୨୨ରେ ମାମଲା ରୁଜୁ ହୋଇଛି ।

## ସଘନ ପଦ୍ଧତି ମାଣ୍ଡିଆ ଚାଷ ପ୍ରଶିକ୍ଷଣ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଚାଷୀ।

ଫୁଲବାଣୀ ଅଫିସ/ଟିକାବାଲି, ୧୬।୧୦

ଟିକାବାଲି ବ୍ଲକ ପ୍ରଧାନପଡାଠାରେ ସଘନ ପଦ୍ଧତିରେ ମାଣ୍ଡିଆ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା ଏଥିରେ ସଭାପତିତ୍ୱ କରି କୃଷକ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ଉପରେ ଉପସ୍ଥିତ କୃଷକମାନଙ୍କୁ ବୁଝାଇଥିଲେ । ମୁଖ୍ୟଅତିଥି ଭାବେ ସହକାରୀ କୃଷି ଅଧିକାରୀ ତ୍ରିଲୋଚନ ମଲ୍ଲିକ ଯୋଗଦେଇ ସଘନ ପଦ୍ଧତିରେ କିପରି ମାଣ୍ଡିଆ ଚାଷ ହେବ ତାହା ଉପରେ ଆଲୋଚନା କରିଥିଲେ। ଏଥିସହ ମାଣ୍ଡିଆର ଗୁଣବତା, ମାଣ୍ଡିଆକୁ କିପରି ଅମଳ କରିବା, ପରିଷ୍କାର କରିବା ତାହା ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଗ୍ରାମ କୃଷି କର୍ମଚାରୀ ସୁରେନ୍ଦ୍ର କୁମାର ପ୍ରଧାନ, କୃଷକ ସାଥି ରମାକାନ୍ତ କହଁର, ବିଶ୍ୱକିଶୋର ପାତ୍ର, ସ୍ୱାତୀର ରାଜ କୁମାର ବେହେରା, ପ୍ରଭାତ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଗଞ୍ଜାମ ଜିଲାର ୨୪ ପିସିସି ସଭ୍ୟ ଭୋଟ ଦେବେ

### ଏଆଇସିସି ସଭାପତି ନିର୍ବାଚନ ଆଜି

ବ୍ରହ୍ମପୁର ଅଫିସ,୧୬।୧୦

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଅଧ୍ୟକ୍ଷ ପଦ ପାଇଁ ସୋମବାର ନିର୍ବାଚନ ହେବ। ଗଞ୍ଜାମ ଜିଲାରୁ ୨୪ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଦସ୍ୟ ମତଦାନ କରିବେ। ସେଥିମଧ୍ୟରେ ଜିଲାର ୨୨ ବ୍ଲକରୁ ଜଣେ ଲେଖାଏ ଏବଂ ବ୍ରହ୍ମପୁର ମହାନଗରରୁ ୨ ଜଣ ସଦସ୍ୟ ଅଛନ୍ତି। ଭୁବନେଶ୍ୱର କଂଗ୍ରେସ ଭବନରେ ଭୋଟ ଗ୍ରହଣ କରାଯିବ। ସାନଖେମୁଣ୍ଡି ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନା, ପୂର୍ବତନ ଗୋପାଳପୁର ବିଧାୟକ ତଥା ପ୍ରାକ୍ତନ ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା, ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡା, ଗତ ସାଧାରଣ ନିର୍ବାଚନର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀଙ୍କ ସମେତ ଚିକିଟିରୁ ରବୀନ୍ଦ୍ର ଦ୍ୟାନ ସାମନ୍ତରା, ଦିଗପହଣ୍ଡିର ପ୍ରଫୁଲ୍ଲ ପଣ୍ଡା, ସୋରଡ଼ାର ସଂଗ୍ରାମ ମହାନ୍ତି, ହିଞ୍ଜିଳିର ପଦ୍ମଚରଣ ସାହୁ ଓ ଅନ୍ୟମାନେ ମତଦାନ କରିବେ ବୋଲି ଜଣାପଡ଼ିଛି।


**Government of Odisha**
**Higher Education Department**

**Dateline for Collection of admission fees from First Year U.G. & P.G. students (freshly admitted) for the Academic Session 2022-23**

**No. N-49:-** Dateline for collection of admission fees at the respective HEIs from First Year U.G. & P.G. students (freshly admitted) in Universities and Colleges for the Academic Session 2022-23 for State Public Universities and Colleges under project 'Student Academic Management System (SAMS)' is given below.

1. U.G. Students, who were finally admitted in Phase-I admission process and **not willing to apply again in Phase-II process** have to deposit their admission fees from **14.10.2022 to 31.10.2022** directly at the admitted HEIs in online mode. Similarly, Students who will finally admitted in Phase-II admission process have to deposit their admission fees from **01.11.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
2. P.G. Students, who were finally admitted in Phase-I admission process (1st selection & 2nd selection) and who will be finally admitted in SPOT selection process have to deposit their admission fees from **17.10.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
3. The Higher Education Institutions can also collect the Hostel fees from the desired students (both U.G. & P.G.) withing the dateline.
4. The non-payment of admission fees within the dateline will **lead to cancellation of admission**. Hence, Students are requested to deposit the admission fees within the timeline mentioned above.

**For more details please contact: e-Admission Helpline (Toll Free) Number 155335 / 1800-345-6770**

OIPR-11001/11/0038/2223 — Sd./- Deputy Director, PTC Section

